# କୂଅରୁ ବଜ୍ରକାପ୍ତା ଉଦ୍ଧାର



ଆଠଗଡ଼,୨୦।୧(ସମିସ): ଆଜି ସକାଳୁ କୂଅରେ ପଡ଼ିଥିବା ଏକ ବଜ୍ରକାପ୍ତାକୁ ଉଦ୍ଧାର କରିଛି ଆଠଗଡ଼ ବନବିଭାଗ। ଆଠଗଡ଼ ସଦର ରେଞ୍ଜ ଅନ୍ତର୍ଗତ କଦଳୀ ବାଡି ଗ୍ରାମର ଗହୀର ଭିତରେ ଥିବା ଗୋଟିଏ କୂଅରେ ବଜ୍ରକାପ୍ତାଟି ପଡି ଯାଇଥିଲା। ବିଲ ମାଲିକ ସକାଳୁ ଫସଲରେ ପାଣି ଦେବାକୁ ଗଲାବେଳେ ଏହି ବଜ୍ରକାପ୍ତାକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଆଠଗଡ଼ ସଦର ରେଞ୍ଜର ବନରକ୍ଷୀ ପ୍ରଶାନ୍ତ ବେହେରା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାଟିକୁ ଉଦ୍ଧାର କରି ଆଠଗଡ଼ ନେଇ ଆସିଥିଲେ। ପରେ ଆଠଗଡ଼ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନିକଟସ୍ଥ ବୌଦା ବନଖଣ୍ଡି ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ବଜ୍ରକାପ୍ତାଟିର ବୟସ ତିନିରୁ ଚାରି ବର୍ଷ ମଧ୍ୟରେ ହୋଇଥିବା ବେଳେ ଓଜନ ୭ କେଜି ରହିଥିବା ଜଣାପଡିଛି।

# ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ



ଆଠଗଡ଼,୨୦।୧(ସମିସ): ଭୋଗରା ସରକାରୀ ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଠଗଡର ସୁନାମଧନ୍ୟ ବରିଷ୍ଠ ଗୀତିକାର ରାଧାନାଥ ଦାଶ ଯୋଗଦେଇ, ସମ୍ମାନିତ ଅତିଥି ହିସାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବଳ ମହାନ୍ତି, ସିଆରସିସି ନୃସିଂହ ବେହେରା, ପୂର୍ବତନ ସିଆର୍‌ସିସି ସୁବ୍ରତ ସ୍ୱାଇଁ, ରାଧାନାଥ ନୋଡାଲ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ରମେଶ ସାହୁ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହ ତୋଟା ପଡା ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ସରିତା ନାୟକ ରାଧାନାଥ ଦାସଙ୍କ ରଚିତ ମନପାରାରେ, ଷାଠିଏ ପଉଟି ଭୋଗରୁ ତୁମର ଆଦି ଗୀତ ଗାନ କରିଥିଲେ। ୧୨ଟି ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ୩୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଦିପ୍ତିମୟୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ସମୟରେ ଦିପ୍ତିମୟୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଏହି ସଭାରେ ଉପସ୍ଥିତ ଥିଲେ।

# ନତକାଇରେ ବିଧାୟକଙ୍କ ସାଂଗଠନିକ ବୈଠକ

ନିଶ୍ଚିନ୍ତକୋଇଲି,୨୦।୧(ସମିସ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର କର୍ମୀମାନଙ୍କୁ ଏକଜୁଟ୍ କରିବା ପାଇଁ ଏକ ସାଂଗଠନିକ ବୈଠକ ସ୍ଥାନୀୟ କ୍ଷୀରୋଦ ମଣ୍ଡପରେ କରିଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଧାୟକଙ୍କ ସମର୍ଥକ ପ୍ରାର୍ଥୀମାନେ କିଭଳି ନିର୍ବାଚିତ ହେବେ ସେ ନେଇ ଏହି ପଞ୍ଚାୟତରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ସେ ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରିଛନ୍ତି। ଏହି ପଞ୍ଚାୟତର ଲୋକମାନଙ୍କର ରାସନକାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଆବଶ୍ୟକ ଥିବା ରାସ୍ତାଘାଟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦଳମତ ନିର୍ବିଶେଷରେ ସମସ୍ତଙ୍କ ନିମନ୍ତେ କରାଯିବ ବୋଲି ଉପସ୍ଥିତ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ବିଧାକଙ୍କ ସହିତ ନତକାଇ ସମିତିସଭ୍ୟା ସରସ୍ୱତୀ ରାଉତ, ୨୪ ନଂ ଜୋନ୍ ସଭାପତି ସଞ୍ଜୟ ବେହେରା, ସନ୍ତୋଷ ରାଉତ, ଅକ୍ଷୟ ବସ୍ତିଆ, ପ୍ରଶାନ୍ତ ବସ୍ତିଆ, ରାକେଶ ରାଉତ, ବିଭୂତି ରାଉତ, ମନୋଜ ବେହେରା, ମଞ୍ଜୁଲତା ଦାସ, ପ୍ରଭାକର ବେଜ, ସର୍ବେଶ୍ୱର ମିଶ୍ର, ନନ୍ଦକିଶୋର ରାଉତ, ମଙ୍ଗରାଜ ପଣ୍ଡା, ରବୀନ୍ଦ୍ର ପଣ୍ଡା, ପ୍ରତାପ ରାଉତ, ଗୁରୁଚରଣ ପାଳ, କୈଳାସଚନ୍ଦ୍ର ସାହୁ, ପ୍ରହଲ୍ଲାଦ ରାଉତ, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ରଞ୍ଜନ ରାଉତଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ବହୁ କର୍ମୀମାନଙ୍କର ବିଭିନ୍ନ ଅଭିଯୋଗପତ୍ର ମଧ୍ୟ ବିଧାୟକ ଗ୍ରହଣ କରିଥିଲେ।

# ଶିଶୁ ଅଧିକାରର ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱ

## ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ଓ ସଦସ୍ୟାଙ୍କ ଜିଲ୍ଲା ଗସ୍ତ



କଟକ,୨୦।୧(ସମିସ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସଙ୍କ କଟକ ଜିଲ୍ଲାଗସ୍ତରେ ଆସି ଶିଶୁ ସୁରକ୍ଷା ଏବଂ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମ ଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିଥିଲେ। ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଏକ ଛତୁଆ ପ୍ଲାଣ୍ଟ, ସେଠାରେ ଥିବା ଏକ ଅଙ୍ଗନବାଡ଼ି କେନ୍ଦ୍ର, ଏକ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ବାଲ ସଭାର ଆୟୋଜନ କରିଥିଲେ। ବିଶେଷ କରି ଟାଙ୍ଗୀ ବ୍ଲକ ଅଧିନସ୍ଥ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକମାନଙ୍କ ସହିତ ଆଲେଚନା କରିଥିଲେ। ସେଠାରେ ଥିବା ସର୍ଭେଣ୍ଟସ ଅଫ ଇଣ୍ଡିଆ ସୋସାଇଟିରେ ରହିଥିବା ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ବୁଲି ଅନ୍ତେବାସୀଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ପରେ ସେଠାରେ ନୂତନ ଭାବେ ଗଢ଼ାଯାଇଥିବା ଭୋଜନାଳୟକୁ ଉଦଘାଟନ କରିଥିଲେ। ପରେ ଏସସିବି ମେଡିକାଲକୁ ଯାଇ ଏକ ଶିଶୁ ଝୁଲା ଉଦଘାଟନ କରିବା ସହ ମଙ୍ଗଳାବାଗ ଥାନା ପରିସରରେ ଥିବା ଚାଇଲ୍ଡ ଫ୍ରେଣ୍ଡଲି ମହିଳା ଓ ଶିଶୁ ଡେସ୍କ ବୁଲି ଥାନା ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଉଭୟ ଆୟୋଗ ଅଧକ୍ଷା ଓ ସଦସ୍ୟା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଓ ଶିଶୁ ଭବନ ଅଧିକ୍ଷକ ପ୍ରଭାକର ମିଶ୍ରଙ୍କ ସହିତ ଶିଶୁ ଭବନ ପରିଦର୍ଶନରେ ଯାଇ ସେଠାରେ ଥିବା ନୂତନ କୋଠାରେ ଚାଲୁଥିବା ଚିକିତ୍ସା ସୁବିଧା ବ୍ୟବସ୍ଥା ସଂପର୍କରେ ବୁଲି ଦେଖିଥିଲେ। ପରିଦର୍ଶନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ସମୀକ୍ଷା ପୂର୍ବକ ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କରାଯାଇଥିବା ୧୦୦ ଦିନିଆ ବାଲ ବିବାହ ମୁକ୍ତ ଭାରତ ଅଭିଯାନ ସଂପର୍କରେ ଶିକ୍ଷା ବିଭାଗ, ପଞ୍ଚାୟତରାଜ ବିଭାଗର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ପ୍ରତି ଗ୍ରାମରେ ବାଲ ସଭା କରିବା ପାଇଁ ଉପସ୍ଥିତ ସରପଞ୍ଚ, ଶିକ୍ଷା ବିଭାଗୀୟ ପଦାଧିକାରୀ ଓ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଉପଲବ୍‌ଧି ଏବଂ ତାର ସୁଧାର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେବା ସହ କ୍ଷେତ୍ର ପରିଦର୍ଶନକୁ ପ୍ରାଥମିକତା ଦେଇଥିଲେ। ସମୀକ୍ଷା ବୈଠକର ଆଲୋଚନା ପରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଶିଶୁ ସୁରକ୍ଷା ନିମନ୍ତେ ପ୍ରଶାସନିକସ୍ତରରେ ତତ୍ପରତାର ସହ ସମସ୍ତ କାର୍ଯ୍ୟ କରାଯିବ ବୋଲି ମତବ୍ୟକ୍ତ କରି ଜିଲ୍ଲାର ଶିଶୁ ସୁରକ୍ଷା ନୋଡାଲ ଅଧିକାରୀ ଭାବେ ଧନ୍ୟବାଦ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଓ ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜଗନ୍ନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ନିଶ୍ଚିନ୍ତକୋଇଲି ଚାମ୍ପିଅନ




ନିଶ୍ଚିନ୍ତକୋଇଲି,୨୦।୧(ସମିସ): ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ସୀମାସ୍ଥଳରେ ଥିବା ନାଳିପଡିଆ ଖେଳପଡିଆରେ ଜଗନ୍ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଗ୍ରାମାଞ୍ଚଳର ୩୨ଟି କ୍ରିକେଟ ଦଳକୁ ନେଇ ୧୫ ଦିନ ଧରି ଏହି ଖେଳ କରାଯାଇଥିଲା। ଏହାର ଫାଇନାଲ ମ୍ୟାଚ୍‌ରେ ନିଶ୍ଚିନ୍ତକୋଇଲି ବେଲେଶ୍ୱରୀ କ୍ରିକେଟ କ୍ଲବ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୨୧୩ ରନ କରିଥିଲା। ଜବାବରେ ମଲ୍ଲୀପୁର କ୍ରିକେଟ କ୍ଲବ ୧୪.୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ୍ କରି ପରାଜିତ ହୋଇଥିଲା। ସେହିପରି ଅନ୍ୟ ଏକ ବିଭାଗରେ ନରେନ୍ଦ୍ରପୁର କ୍ରିକେଟ କ୍ଲବ ପଲାଇ କ୍ରିକେଟ କ୍ଲବକୁ ହରାଇ ଚାମ୍ପିଅନ ହୋଇଥିଲା। ଏହାର ପୁରସ୍କାର ବିତରଣୀ ଉତ୍ସବରେ ନାଳିପଡିଆ ବଜାର କମିଟିର ସଭାପତି ସୁକାନ୍ତ ସାହୁଙ୍କ ସଭାପତିତ୍ୱ ଏବଂ ମହମ୍ମଦ ଆଲାମଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟ ଖଦୀ ବୋର୍ଡ ନିର୍ଦ୍ଦେଶକ ପ୍ରମୋଦ ଭୂୟାଁ, ସମ୍ମାନୀତ ଅତିଥିଭାବେ କାନାଡା ବ୍ୟାଙ୍କ ଓସ୍ତପୁର ଶାଖାର ପରିଚାଳକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଆଡଭୋକେଟ ଭାସ୍କର ଚନ୍ଦ୍ର ବେହେରା, ଉମର ପଞ୍ଚାୟତ ସରପଞ୍ଚ ଶାସ୍ୱତ ରଞ୍ଜନ ଦାସ, ବଳରାମ ଜୁଏଲର୍ସର ପ୍ରୋପାଇଟର ରାକେଶ ସାହୁ, ସମାଜସେବୀ ପ୍ରମୋଦ ମହାରଣା, ଦୀପକ ସାହୁ, ଅରୁପାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଚମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବଜାର କମିଟିର ସମସ୍ତ ବ୍ୟବସାୟୀଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଇଥିଲା। ପ୍ରଦୀପ ମଲ୍ଲ, ଶାରଦା ସିଂ, ପ୍ରଶାନ୍ତ ବେହେରା, ମଣ୍ଟୁ ମଲିକ, ଲିପୁ ମଲ୍ଲିକ ଓ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଅଂଶୁମାନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ତିଗିରିଆ,୨୦।୧(ସମିସ): ତିଗିରିଆ ବ୍ଲକ ମୁନଲାଇଟ ଖେଳ ପଡ଼ିଆରେ ମଙ୍ଗଳବାର ନବମ ରାଜ୍ୟସ୍ତରୀୟ ଅଂଶୁମାନ ମହାନ୍ତି କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପ୍ରସନ୍ନମଣି କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଆଜିର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର କୁମାରବସ୍ତ କ୍ରିକେଟ କ୍ଲବକୁ ୯ ୱିକେଟରେ ପରାସ୍ତ କରି ଭାଲିଆବାଡ଼ି କ୍ରିକେଟ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ବିପକ୍ଷ ଦଳର ଶକ୍ତିଶାଳୀ ବୋଲିଂର ମୁକାବିଲା କରି ନ ପାରି ୧୭.୩ ଓଭରରେ ମାତ୍ର ୮୫ ରନରେ ଅଲଆଉଟ ହୋଇଯାଇଥିଲେ। ଜବାବରେ ଭାଲିଆବାଡ଼ି ଦଳ ମାତ୍ର ୬.୫ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲେ। ଦଳ ତରଫରୁ ବ୍ୟାଟିଂରେ ମହମ୍ମଦ ତାବ୍ରିଜ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୨୭ଟି ବଲରୁ ୬୭ ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଇନିଂସ ପାଇଁ ତାଙ୍କୁ ଆଜିର ଖେଳରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ବିଶିଷ୍ଟ ଅତିଥିଭାବେ କ୍ରୀଡ଼ାବିତ ଜୟନ୍ତ ସିଂହ, ସମ୍ମାନିତ ଅତିଥିଭାବେ ସ୍ୱର୍ଗତ ଅଂଶୁମାନ ମହାନ୍ତିଙ୍କ ପିତା ସୁନୀଲ ମହାନ୍ତି, ତିଗିରିଆ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁଶୀଲ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଜ୍ଞାନୋଦୟ ମିଶ୍ର ଓ ଉଦିତ ମହାନ୍ତି ପରିଚାଳନା କରିଥିଲେ।

# ଡା. ଆଦିକନ୍ଦ ସ୍ୱାଇଁଙ୍କ ସ୍ମୃତିଚାରଣ ସଭା



ନିଶ୍ଚିନ୍ତକୋଇଲି,୨୦।୧(ସମିସ): କଟରପଡା ପଞ୍ଚାୟତ ମୁରଦାବାଦଠାରେ ଥିବା ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ କ୍ଷେତ୍ରମୋହନ ବିଦ୍ୟାପୀଠ ପରିସରରେ ସ୍ୱର୍ଗତ ପ୍ରଫେସର ଡାକ୍ତର ଆଦିକନ୍ଦ ସ୍ୱାଇଁଙ୍କ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସଂସଦର ସଭାପତି ଫକୀର ଚରଣ ନାୟକଙ୍କ ପୌରୋହିତ୍ୟରେ ପ୍ରଥମେ ଏହି ବିଦ୍ୟାଳୟ ସମୂହର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ସ୍ମୃତି ସଭାରେ ପ୍ରଧାନଶିକ୍ଷକ ମହାଶିଷ ତରାଇ, ଶିକ୍ଷକ ଅମିତ ପାତ୍ର, ଶିକ୍ଷୟିତ୍ରୀ ରୀତାଞ୍ଜଳି ଚୌଧୁରୀ, ମମତା ପ୍ରିୟଦର୍ଶିନୀ ଲେଙ୍କା, ଝରାଶ୍ରୀ ଭଦ୍ର, ଶୁଭଶ୍ରୀ ଷଡଙ୍ଗୀ, ମାଳତୀ ସେଠୀ, ଭାଗବତ ବଳ, ପାରେଶ୍ୱର ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ନିମାଇଁ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଶରତ ପରିଡା ପ୍ରମୁଖ ଯୋଗଦେଇ କଟକ ବଡ ମେଡିକାଲ ଭେଷଜ ବିଭାଗରେ ମୁଖ୍ୟଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ସ୍ୱର୍ଗତ ଡାକ୍ତର ହୃଦ୍‌ରୋଗ ବିଶେଷଜ୍ଞ ଭାବେ ବେଶ ନାଁ କରିଥିଲା ବେଳେ ତାଙ୍କର ବହୁମୁଖୀ ପ୍ରତିଭା ଓ ରୋଗୀସେବା କ୍ଷେତ୍ରରେ ରହିଥିବା ସୁନାମ ସଂକ୍ରାନ୍ତରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ସ୍ୱର୍ଗତ ଡାକ୍ତରଙ୍କ ପିତା ଆଇନଜୀବୀ ସ୍ୱର୍ଗତ କ୍ଷେତ୍ରମୋହନ ସ୍ୱାଇଁ କ୍ଷେତ୍ରମୋହନ ବିଦ୍ୟାପୀଠର ପ୍ରାଣ ପ୍ରତିଷ୍ଠାତା ଥିବାରୁ ବିଦ୍ୟାଳୟରେ ଏହି ସ୍ମୃତି ସଭା ଅନୁଷ୍ଠିତ ହୋଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା।

## ନରସିଂହପୁର କପ୍ ଉଦ୍‌ଘାଟିତ

# ଜଗତସିଂହପୁରକୁ ହରାଇ କଟକ ବିଜୟୀ



ନରସିଂହପୁର,୨୦।୧(ସମିସ): ନରସିଂହପୁର ବ୍ଲକ ରେଞ୍ଜର ପଡ଼ିଆ ପରିସରରେ ନରସିଂହପୁର କ୍ରିକେଟ୍ କ୍ଲବ୍ ଦ୍ୱାରା ମଙ୍ଗଳବାର ନରସିଂହପୁର କପ୍ ଉଦଘାଟିତ ହୋଇଯାଇଛି। ନରସିଂହପୁର ଯୁବ ଜନତା ଦଳର ସଭାପତି ତଥା ସମିତିସଭ୍ୟ ନିର୍ମଳ ଜେନା ଉଦଘାଟକ ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦଘାଟିତ କରିଥିଲେ। ନରସିଂହପୁର ପାଇକପଡ଼ାପାଟଣା ଗ୍ରାମ ପଞ୍ଚାୟତର ସରପଞ୍ଚ ଗୟାଧର ସାହୁ, ନିଜିଗଡ଼ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ପ୍ରଭାକର ମିଶ୍ର, ସମିତିସଭ୍ୟା ଜୟନ୍ତୀ ବେହେରା, ସରଧାପୁର ପଞ୍ଚାୟତର ସମିତିସଭ୍ୟ ଶକ୍ତି ମିଶ୍ର, ନିଜିଗଡ ପଞ୍ଚାୟତର ସମିତି ସଭ୍ୟା ପ୍ରତିନିଧି ଶୁଭ୍ରାଂଶୁ ଭୂଷଣ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଜିର ଉଦଘାଟନୀ ମ୍ୟାଚ କଟକ ବନାମ ଜଗତସିଂହପୁର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ଆରମ୍ଭ କରିଥିଲେ। ଜଗତସିଂହପୁର ଦଳ ୧୭.୧ ଓଭରରେ ସମସ୍ତ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିପାରିଥିଲେ। ଜବାବରେ କଟକ ୧୩ ଓଭରରେ ୪ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ କିଶାନ ୩ ଓଭରରେ ୧୫ ରନ ଦେଇ ୩ଟି ୱିକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚକୁ ଅଶୋକ ରାଉତ ଓ ସଞ୍ଜୟ ଶତପଥୀ ପରିଚାଳନା କରିଥିଲେ। ବିବେକାନନ୍ଦ ବେହେରା ଓ ଏମଡି ଅଝରଉଦ୍ଦିନ ସ୍କୋରିଂରେ ସାହାଯ୍ୟ କରିଥିଲେ। ରିଙ୍କୁ ରଣା, କାହ୍ନୁ ଚରଣ ନାୟକ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ଏହି ଟୁର୍ଣ୍ଣାମେଣ୍ଟରେ ବ୍ରହ୍ମପୁର ଓ ଢେଙ୍କାନାଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ।

# ବଡମ୍ବା ମଣ୍ଡଳରେ ବିଭିନ୍ନ ପ୍ରତିଯୋଗିତା

ବଡମ୍ବା,୨୦।୧(ସମିସ): ସାଧାରଣତନ୍ତ୍ର ଉତ୍ସବ ପାଳନ କମିଟି, ବଡମ୍ବାର ସ୍ଥାୟୀ ସଭାପତି ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆଗାମୀ ସାଧାରଣତନ୍ତ୍ର ଦିବସ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ୧୭ ତାରିଖରୁ ଆରମ୍ଭ ହୋଇଥିବା ପ୍ରବନ୍ଧ, ସାଧାରଣଜ୍ଞାନ, ତର୍କ, ଚିତ୍ରାଙ୍କନ ଓ ଯୋଗ ଆଦି ପ୍ରତିଯୋଗିତା ମଙ୍ଗଳବାର ସମାପନ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ରମେଶ ଚନ୍ଦ୍ର କରିଥିବା ବେଳେ ଓକିଲ ସଂଘ, ବଡମ୍ବା, ମୋହନ ସୁବୁଦ୍ଧି ମହାବିଦ୍ୟାଳୟ, ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀ ସୁଶୀଳା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକ୍ରମ ସହ ବିଚାରକ ଭାବେ ଉପରୋକ୍ତ ଅନୁଷ୍ଠାନରୁ ଯୋଗଦେଇ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ପ୍ରାଣଯୋଗ ଅନୁଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଶେଖର ମହାନ୍ତି, ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି ପରିଷଦର ଅଧ୍ୟକ୍ଷ ବିଭୁ ପ୍ରସାଦ ଅମୀୟ ରଞ୍ଜନ ଜେନା, ବଡମ୍ବା ବିକାଶ ପରିଷଦର ସଭାପତି ସନ୍ତୋଷ ପଟ୍ଟନାୟକ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଆସନ୍ତା ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବା ନିମନ୍ତେ ଉତ୍ସବ ପାଳନ କମିଟିର ଅଧ୍ୟକ୍ଷ ସୂଚନା ପ୍ରଦାନ କରିଥିଲେ। ଆସନ୍ତା କାଲିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପଡିଆରେ ଅଭ୍ୟାସ ପରେଡ ସହ ୨୪ ତାରିଖରେ ଟେନିସ ପଡିଆରେ ଅଭ୍ୟାସ ହେବା ପାଇଁ ଉତ୍ସବ ପାଳନ କମିଟିର ଅଧ୍ୟକ୍ଷ ସୂଚନା ପ୍ରଦାନ କରିଥିଲେ।



# ସମାଜସେବୀ ପୀତାମ୍ବର ସାହୁଙ୍କ ପରଲୋକ



ନିଶ୍ଚିନ୍ତକୋଇଲି,୨୦।୧(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ତଥା ଜମିଦାତା, ନିଶ୍ଚିନ୍ତକୋଇଲି ବଜାରର ଜଣେ ଜଣାଶୁଣା ପୁରୁଣା ବ୍ୟବସାୟୀ, ପ୍ରସିଦ୍ଧ ବରଧାରୀ ମା' ବିଂଶଭୂଜା ଦୁର୍ଗାଙ୍କର ପୃଷ୍ଠପୋଷକ ତଥା ମୁଖ୍ୟ ପରିଚାଳକ, ଏ ଅଞ୍ଚଳର ଜଣେ ମୁରବୀତୁଲ୍ୟ ବ୍ୟକ୍ତିତ୍ୱ ପିତାମ୍ବର ସାହୁ (ମେଙ୍କ ଅଜା) ୯୮ଙ୍କର ପରଲୋକ ହୋଇଛି। ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ପରିବାରର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଥିଲା ବେଳେ ସେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ନରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁଖବର ପାଇ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘ ବର୍ଷ ହେବ ଏ ଅଞ୍ଚଳରେ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି, ଆଧାତ୍ମିକ ଓ ସମାଜସେବା କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ କରି ଘରେ ଘରେ ପରିଚିତ ହୋଇ ବେଶ୍ ସୁନାମ ଅର୍ଜନ କରିଥିଲେ। ଉଚ୍ଚ ଶିକ୍ଷାର ବିକାଶ ପାଇଁ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ୩ ଏକର ଜମି ଦାନ କରିଥିଲେ। ଯେଉଁଥିରେ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଆଜି ଦଣ୍ଡାୟମାନ ହୋଇଛି। ଏ ଅଞ୍ଚଳର ହଜାର ହଜାର ଲୋକେ ଏକ ଶୋକାକୂଳ ପରିବେଶରେ ତାଙ୍କର ମରଶରୀରକୁ ମେଙ୍କ ସାହୁ ଅମର ରହେ ଧ୍ୱନି ଦେଇ ନିଶ୍ଚିନ୍ତକୋଇଲି ଥାନା ଛକରୁ ଶୋଭାଯାତ୍ରାରେ ନେଇ ନିଶ୍ଚିନ୍ତକୋଇଲି ବଜାର, ପିପି କଲେଜ ପରିସର, ବରଧାରୀ ମା' ବିଂଶଭୂଜା ଦୁର୍ଗାଙ୍କ ପୀଠରେ ପରିକ୍ରମା କରାଇ ବାସଭବନରେ ପହଞ୍ଚାଇଥିଲେ। ଅନ୍ତିମ ଶବାଧାରରେ ସମାଜର ବିଭିନ୍ନ ବର୍ଗର ଶହ ଶହ ଲୋକେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା ବେଳେ ଏକମାତ୍ର ପୁତ୍ର ସୁଧାଂଶୁ ଭୂଷଣ ସାହୁ ମୁଖାଗ୍ନି ଦେଇଥିଲେ।

## ■ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ୍

# ଯୋରନ୍ଦାକୁ ହରାଇ ମେଣ୍ଢାଶାଳ ସେମିରେ



ତିଗିରିଆ,୨୦।୧(ସମିସ): ତିଗିରିଆ ବ୍ଲକ ସୋମପଡା ଚବକା ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ କ୍ରିକେଟ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଆଜିର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଯୋରନ୍ଦାର ଏମସିସି କ୍ରିକେଟ କ୍ଲବକୁ ୪୪ ରନରେ ହରାଇ ମେଣ୍ଢାଶାଳର ଇଏସସିସି କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଉନ୍ନତ ବ୍ୟାଟିଂ ଓ ବୋଲିଂ ପ୍ରଦର୍ଶନ ପାଇଁ ମେଣ୍ଢାଶାଳ ଦଳର ମହମ୍ମଦ ସୁଲେମାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରଣଜୀ ଟିମର ଅଧିନାୟକ ବିପ୍ଳବ ସାମନ୍ତରାୟ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ଶିଶିରକାନ୍ତ ରାଉତରାୟ ପରିଚାଳନା କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

# ୭୦୯ ପ୍ରମାଣପତ୍ର ପାଇଁ ପଞ୍ଜୀକୃତ



ନିଶ୍ଚିନ୍ତକୋଇଲି,୨୦।୧(ସମିସ): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନ ୨୦୨୬ ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉଦ୍‌ଘାଟନ କରି ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରିବା ସହିତ ଦଳମତ, ଜାତି, ନିର୍ବିଶେଷରେ ପ୍ରତ୍ୟେକ ଭିନ୍ନକ୍ଷମଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ପାତ୍ରଙ୍କ ସଂଯୋଜନାରେ ଏଥିରେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ବିଡିଓ ଦ୍ୱିବେନ୍ଦୁ ଦାସ, ଗ୍ରାମ ପଞ୍ଚାୟତ ଅଧିକାରୀ ମନୋଜ ପଢିହାରୀ, ଅତିରିକ୍ତ ବିଡିଓ ଅଶୋକ ମହାନ୍ତି, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଯୁବନେତା କୈଳାସ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଶ୍ରବଣ ଅକ୍ଷମତା ପାଇଁ ୯୪ ଜଣ, ଦୃଷ୍ଟିହୀନତା ପାଇଁ ୮୭ ଜଣ, ସ୍ନାୟୁଗତ ଦୁର୍ବଳତା ୫୨ ଜଣ, ମାନସିକ ଅନଗ୍ରସରତା ୧୧୭ ଜଣ, ଅସ୍ଥିଶଲ୍ୟ ବିଭାଗ ୩୩୨ ଜଣ, ଡିଆରଆଇ ଋଣ ପାଇଁ ୨ ଜଣ, ବସ୍ ପାସ୍ ପାଇଁ ୨୫ ଜଣ ସେମାନଙ୍କର ନାମ ପଞ୍ଜିକୃତ କରିଥିଲେ। ଏହି ଶିବିରରେ କଟକ ବଡ ମେଡିକାଲର ବିଭିନ୍ନ ବିଭାଗର ୯ ଜଣ ଡାକ୍ତର ଯୋଗଦେଇ ନାମ ପଞ୍ଜିକୃତ କରିଥିବା ଭିନ୍ନକ୍ଷମମାନଙ୍କର ଶାରିରୀକ ପରୀକ୍ଷା ନିରୀକ୍ଷା କରିଥିଲେ। କଟକ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଗଙ୍ଗାଧର ବେହେରା ଶିବିର ପରିଦର୍ଶନରେ ଆସି କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

